ଧରିତ୍ରୀ
DHARITRI



ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୧/୨୦୨୪ (୧୬ ପୃଷ୍ଠା) Bhubaneswar, Thursday, November 21/2024 Page 16 ₹ 7.00 | RAYAGADA
୫୦ଶ ଭାଗ ୩୫୬ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 356 ମୂଲ୍ୟ ₹୭/-

# ଯୁବ ରେଡ୍‌କ୍ରସ୍ ୟୁନିଟ୍ ଉଦ୍‌ଘାଟନ, ରକ୍ତଦାନ ଶିବିର

କୋରାପୁଟ,୨୦।୧୧
(ଅମିତାଭ ବେହେରା)

ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବ ରେଡକ୍ରସ୍ ୟୁନିଟ୍ ଉଦ୍‌ଘାଟନ ସହ ସୁନାବେଡ଼ା କ୍ୟାମ୍ପସ୍ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍ଏଲ୍ଏନ୍ଏମ୍‌ସିଏଚ୍)ର ବ୍ଲଡ୍ ବ୍ୟାଙ୍କ ସେଣ୍ଟର ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ୍ ୟୁନିଟ୍‌ର ଜିଲା ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ ଓ ଅର୍ଥନୀତିର ସହକାରୀ ପ୍ରଫେସର ତଥା ବିଶ୍ୱବିଦ୍ୟାଳୟ ଯୁବ ରେଡକ୍ରସ୍ ୟୁନିଟ୍‌ର ନୋଡାଲ ଅଫିସର ଡ. ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ଅଧ୍ୟୁଷିତ ସ୍ୱାସ୍ଥ୍ୟସେବା ସୀମିତ ଥିବା ଅଞ୍ଚଳରେ ରକ୍ତଦାନର ମହତ୍ତ୍ୱ ନେଇ ପ୍ରଫେସର ପଣ୍ଡା ଗୁରୁତ୍ୱାରୋପ କରିଥିଲେ। ଶିବିରରେ ୧୨୩ ଜଣ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ, କର୍ମଚାରୀ, ଗବେଷଣା ବିଦ୍ୟାର୍ଥୀ ଏବଂ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁଣତଃ ଭୋଇ ସୂଚନା ଦେଇଛନ୍ତି। ଶିବିରକୁ ଏସ୍ଏଲ୍ଏନ୍ଏମ୍‌ସିଏଚ୍ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଏମ୍.ଏସ୍. ବଳିଆରସିଂହଙ୍କ ତତ୍ତ୍ୱାବଧାନରେ ଭି.ଗଙ୍ଗାଧର ଓ ରଣଜିତ ସାହୁଙ୍କ ସହ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ଉପସ୍ଥିତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ,କର୍ମଚାରୀ ଓ ଛାତ୍ରୀଛାତ୍ର।

କଟକ
ଗୁରୁବାର ୨୧ ନଭେମ୍ବର, ୨୦୨୪
ପ୍ରାତଃ ସଂସ୍କରଣ

November 21, 2024, Cuttack
Vol - XXII, Issue - 230
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN/134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily

**ଇମ୍ରାନ୍ ଖାନ୍‌ଙ୍କୁ ଜାମିନ ମିଳିଲା**

ନୂଆଦିଲ୍ଲୀ,୨୦।୧୧(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୁଦ୍ଧରେ ରହିଥିବା ସମସ୍ତ ମାମଲାରୁ ତାଙ୍କୁ ଜାମିନ ମିଳିଛି। ଫଳରେ ଜେଲରୁ ସେ ମୁକ୍ତିକୁ ବାଟ ଖୋଲିଯାଇଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟ ଉଦ୍‌ଘାଟନ ଓ ରକ୍ତଦାନ ଶିବିର ଅନୁଷ୍ଠିତ

ଜୟପୁର, ୨୦।୧୧ (ଆନିବି): ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବ ରେଡକ୍ରସ ୟୁନିଟ୍ ଉଦ୍ଘାଟିତ ହେବା ସହ ବିଶ୍ୱବିଦ୍ୟାଳୟର ସୁନାବେଡ଼ା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଏସଏଲଏନଏମସିଏଚ ର ବ୍ଲଡ ବ୍ୟାଙ୍କ ସେଣ୍ଟର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍ ଘାଟନ କରିବା ସହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।କୋରାପୁଟ ଯୁବ ରେଡକ୍ରସ ୟୁନିଟ୍ ର ଜିଲ୍ଲା ସଂଯୋଜକ ଡ. ଜଗେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅର୍ଥନୀତିର ସହକାରୀ ପ୍ରଫେସର ତଥା ବିଶ୍ୱବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟ୍ ର ନୋଡାଲ ଅଫିସର ଡ. ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ।ପ୍ରଫେସର ପଣ୍ଡା ତାଙ୍କ ଅଭିଭାଷଣରେ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀଙ୍କୁ ମାନବିକ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ। ବିଶେଷ କରି କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଯେଉଁଠାରେ ସ୍ୱାସ୍ଥ୍ୟ ସେବା ସହଜ ସୀମିତ ରହିଛି ସେଠାରେ ରକ୍ତଦାନର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଭଳି କାର୍ଯ୍ୟକ୍ରମ କିପରି ଯୁବକମାନଙ୍କ ମଧ୍ୟରେ ମାନବୀୟ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱ ବୋଧକୁ ପ୍ରୋତ୍ସାହିତ କରେ ସେ ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ।ଡକ୍ଟର ସାହୁ ନୂତନ ଭାବେ ସାମିଲ ହୋଇଥିବା ୱାଇଆରସି ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ଏକ ଆକର୍ଷଣୀୟ ଅଧିବେଶନ ପରିଚାଳନା କରିଥିଲେ ଏବଂ ରେଡକ୍ରସ ର ଇତିହାସ ଏବଂ ନୀତି



ଉପରେ ଆଲୋକପାତ କରିଥିଲେ। ବିଶେଷ କରି ଡେଙ୍ଗୁ ଭଳି ରୋଗ ର ମୁକାବିଲା ପାଇଁ ରକ୍ତଦାନ ଶିବିର ଆୟୋଜନ ରେ ଯୁବବର୍ଗଙ୍କ ନେତୃତ୍ୱାଧୀନ ମାନବୀୟ ପ୍ରୟାସ ର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ରକ୍ତଦାନ ଶିବିରରେ ପ୍ରଥମ ଥର ରକ୍ତଦାତାଙ୍କ ସମେତ ୧୨୩ ଜଣ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ, କର୍ମଚାରୀ, ଗବେଷଣା ବିଦ୍ୟାର୍ଥୀ ଏବଂ ଛାତ୍ରଛାତ୍ରୀ, ବିଶେଷକରି ମହିଳା ଅଂଶଗ୍ରହଣ କାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଯୋଗଦାନ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁଣାଥ ଭୋଇ ସୂଚନା ଦେଇଛନ୍ତି। ଏହି ଶିବିରକୁ ଏସ୍ ଏଲ୍ ଏନ୍ ଏମ୍ ସିଏଚ୍ ର ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଏମ୍ ଏସ୍ କବିଆରସିଂହଙ୍କ ତତ୍ତ୍ୱାବଧାନରେ ଭି.ଗଙ୍ଗାଧର ଓ ରଞ୍ଜିତ ସାହୁଙ୍କ ସମେତ ତାଙ୍କ ଟିମ୍ ରକ୍ତ ସଂଗ୍ରହ କୁ ସୁଚାରୁ ଓ ଦକ୍ଷ ଭାବେ ପରିଚାଳନା କରିଥିଲେ।ବିଶ୍ୱବିଦ୍ୟାଳୟରେ ନିକଟରେ ସ୍ଥାପିତ ଯୁବ ରେଡକ୍ରସ ୟୁନିଟ୍ ର ସ୍ୱେଚ୍ଛାସେବୀ ମାନେ ଏହି କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ସେମାନଙ୍କର ସମର୍ପଣ ଏବଂ ଦଳଗତ କାର୍ଯ୍ୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇ ବିଶ୍ୱବିଦ୍ୟାଳୟ ସମ୍ପ୍ରଦାୟ ଉପରେ ଏକ ସ୍ଥାୟୀ ଛାପ ପକାଇବା ସହ ଯୁବ ପିଢ଼ିଙ୍କ ମଧ୍ୟରେ ସମାଜସେବା ଓ ମାନବିକତାର ଭାବନାକୁ ସୁଦୃଢ଼ କରିଥିଲା।

୧୦୫ ବର୍ଷର ପ୍ରକାଶନ
ଦୈନିକ ସଂସ୍କରଣ : ଆର୍.ଏନ୍.ଆଇ ନଂ. ୪୦୦୫/୫୭
ପି.ଆର୍. ନଂ. ସିକେ(ସି)/୧୭/୨୦୨୪-୨୦୨୬
105 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2024-2026
କୋରାପୁଟ, ଗୁରୁବାର ୨୧ ନଭେମ୍ବର ୨୦୨୪
Koraput, Thursday 21 November 2024
ଆଜି ବିଛା ୬ ଦିନ, ୧୪୩୨ ସାଲ
କାର୍ତ୍ତିକ ୩୦ ଦିନ, ୧୯୪୬ ଶକାବ୍ଦ, କୃଷ୍ଣପକ୍ଷ ଷଷ୍ଠୀ
ଭାଗ- ୯୫ ସଂଖ୍ୟା- ୩୧୮
www.thesamaja.com
www.samajaepaper.com
www.samajalive.in
ଟ ୭.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ଆଇସିସି ଟ୍ୱେଣ୍ଟି୨୦ ମାନ୍ୟତା



ହାର୍ଦିକ ୧ନଂ ଅଲ୍‌ରାଉଣ୍ଡର

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

କୋରାପୁଟ,୨୦ ।୧୧(କାର୍ଯ୍ୟାଳୟ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବ ରେଡକ୍ରସ ୟୁନିଟ୍ ଉଦଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସୁନାବେଡ଼ା ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲର ବ୍ଲଡ୍‌ବ୍ୟାଙ୍କ ସେଣ୍ଟର ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରପ୍ରାପ୍ତ କୁଳପତି ତଥା ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନରସିଂହ ଚରଣ ପଣ୍ଡା କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କୋରାପୁଟ ଯୁବ ରେଡକ୍ରସ ୟୁନିଟ୍‌ର ଜିଲା ସଂଯୋଜକ ଡ. ନରେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ଅର୍ଥନୀତିର ସହକାରୀ ପ୍ରଫେସର ତଥା ବିଶ୍ୱବିଦ୍ୟାଳୟ ଯୁବ ରେଡକ୍ରସ ୟୁନିଟ୍‌ର ନୋଡାଲ ଅଧିକାରୀ ଡ. ପ୍ରଶାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ବିଶେଷ କରି କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସମ୍ବଳ ସୀମିତ ରହିଥିବାରୁ ସେଠାରେ ରକ୍ତଦାନର ମହତ୍ତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଡାକ୍ତର ସାହୁ ନୂତନ ଭାବେ ସାମିଲ ହୋଇଥିବା ୱାଇଆରସି ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ଆକର୍ଷଣୀୟ ଅଧିବେଶନ ପରିଚାଳନା କରିବା ସହ ରେଡକ୍ରସର ଇତିହାସ ଏବଂ ନୀତି ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଡେଙ୍ଗୁ ଭଳି ରୋଗର ମୁକାବିଲା ପାଇଁ ରକ୍ତଦାନ ଶିବିର ଆୟୋଜନରେ ଯୁବବର୍ଗଙ୍କ ନେତୃତ୍ୱାଧୀନ ମାନବୀୟ ପ୍ରୟାସର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ରକ୍ତଦାନ ଶିବିରରେ ପ୍ରାୟ ୧୨୩ ଜଣ ରକ୍ତଦାନ କରିଥିଲେ । ଅଧ୍ୟାପକ, କର୍ମଚାରୀ, ଗବେଷଣା ବିଦ୍ୟାର୍ଥୀ ଏବଂ ଛାତ୍ରଛାତ୍ରୀ, ବିଶେଷକରି ମହିଳା ଅଂଶଗ୍ରହଣକାରୀମାନେ ଏଥିରେ ସକ୍ରିୟ ଭାବେ ଯୋଗଦାନ କରିଥିଲେ ବୋଲି ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ଏହି ଶିବିରକୁ ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍‌ର ରକ୍ତ କେନ୍ଦ୍ର ଅଧିକାରୀ ଡା.ଏମ୍.ଏସ୍ ବଳିଆରସିଂହଙ୍କ ତତ୍ତ୍ୱାବଧାନରେ ଭି.ଗଙ୍ଗାଧର ଓ ରଣଜିତ ସାହୁଙ୍କ ସମେତ ତାଙ୍କ ଦଳ ରକ୍ତ ସଂଗ୍ରହ କରିଥିଲେ । ଶିବିର ପରିଚାଳନାରେ ଯୁବ ରେଡକ୍ରସ ୟୁନିଟ୍‌ର ବହୁ ସ୍ୱେଚ୍ଛାସେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।